## ବାଲ୍ୟ ବିବାହ ନିଷେଧ ଆଇନରେ ଭରଣପୋଷଣ ଏବଂ ଉତତ୍ତ୍ୱାବଧାବ ବ୍ୟବସ୍ଥା

ସ୍ୱାମୀକୁ ୨୧ ବର୍ଷରୁ ଉର୍ଦ୍ଧ୍ୱ ହୋଇଥିଲେ ତେବେ ସେ ବିବାହ କରିଥିବା ବାଲ୍ୟ ବିବାହତି ପତ୍ନୀକୁ ତା'ର ପୁନର୍ବିବାହ ପର୍ଯ୍ୟନ୍ତ ଭରଣ ପୋଷଣ ଦେବେ । ଯଦି ସ୍ୱାମୀକୁ ୨୧ ବର୍ଷରୁ କମ୍ ହୋଇଥିବ ତେବେ ସେପରି ସ୍ଥଳେ ତା'ର ଅଭିଭାବକ ବାଲ୍ୟ ବିବାହିତ ପତ୍ନୀକୁ ଭରଣପୋଷଣ ପ୍ରଦାନ କରିବେ । ବାଲ୍ୟ ବିବାହ ଦ୍ୱାରା ଜନ୍ମିତ ଶିଶୁ ସଦା ସର୍ବଦା ବୈଧ ଶିଶୁ ରୂପେ ବିବେଚନା କରାଯିବ ।




: ପ୍ରସ୍ତୁତି :
ବିଶ୍ୱେଶ୍ୱରୀ ମହାନ୍ତି
ଆଡ୍ଭୋକେଟ୍, ଭୁବନେଶ୍ୱର

: ମୁଦ୍ରଣ ଏବଂ ପ୍ରକାଶନ :
ପିପୁଲସ୍ କଲଚରାଲ୍ ସେଣ୍ଟର, ଭୁବନେଶ୍ୱର ।



# ବାଲ୍ୟବିବାହ : ଏକ ନିନ୍ଦିତ ପ୍ରଥା



PECUC
GIRLS ADVOCACY ALLIANCE
RAIDS
terre des hommes stops child exploitation

## ବାଲ୍ୟବିବାହ

ବାଲ୍ୟ ବିବାହ ଯେ ଭାଇ ଆଇନ ବିରୋଧ
ଜାଣି ଶୁଣି କର ନାହିଁ ସେହି ଅପରାଧ ।
ବାଲ୍ୟ ବିବାହ ସଂସାରେ ବଢୁଅଛି ଭାଇ
ବାଲ୍ୟ ବିବାହେ ନରୀ ଯେ ରୋଗଗ୍ରସ୍ତ ହୋଇ ।
ଛୋଟବେଳୁ ଯେବେ ଝିଅ ବିବାହ କରିବ
ବିକଳାଙ୍ଗ ଛୁଆ ତାଙ୍କ ଗର୍ଭରୁ ଜନ୍ମିବ ।
ଛୁଆ ଜନ୍ମ ହେଲେ ମା' ଛୁଆଙ୍କୁ ବିପଦ
ବାପା ମାଆ ଦୁହେଁ ତ ଦୁଃଖକୁ ଲଭିବ ।
ଝିଅ ଅଠରକୁ ପୁଅ ହୋଇଲେ କୋଡିଏ
ଦୁଃଖର ସୁଖର ସାଥୀ ଏ ପରା ଯୋଡିଏ ।
ଝିଅକୁ ଯେବେ ହେଁ ଅଠର ବରଷ ହେବ
ବାପଘର କଥାବାବୁ ମନେ ଚିନ୍ତା କରୁଥିବ ।
ପୁଅ ସନ୍ତାନ ଜନ୍ମିଲେ ପୃଷ୍ଟିକର ଦ୍ୟନ୍ତି
ଝିଅ ସନ୍ତାନ ଜନ୍ମିଲେ ମୁହଁ ଯେ ବୁଲାନ୍ତି ।
ଏହି ଭେଦ ଭାବ ଭାଇ ସଂସାରେ ନକର
ଝିଅକୁ ସମ୍ମାନ ଦିଅ ହେ ଦୁଃଖ ହେଉ ଦୂର
ବାଲ୍ୟ ବିବାହ ଯେଉଁଠି ହେବାର ଜାଣିବ
ଶିଶୁ ମଙ୍ଗଳ ସମିତି ଅଧିକାରୀଙ୍କୁ ଖବର ଯେ ଦେବ ।

********

(ଏହି କବିତାଟି ବିଜୁ କନ୍ୟା ରତ୍ନ (ଆମ କନ୍ୟା ଆମ ରତ୍ନ) ପୁସ୍ତକରୁ ଉଦ୍ଧୃତ)





## ପ୍ରସ୍ତାବନା

ଦୀର୍ଘ ଅତୀତରୁ ବାଲ୍ୟ ବିବାହ ଭାରତବର୍ଷରେ ଏକ ସମସ୍ୟା ରୂପେ ଉଭା ହୋଇଅଛି । କାରଣ ଭାରତ ବର୍ଷର ପରମ୍ପରା, ସଂସ୍କୃତି ଏବଂ ଧାର୍ମିକ ବିଶ୍ୱାସ ମଧ୍ୟରେ ଏ ପ୍ରସଙ୍ଗ ଅସ୍ଥି ମଜ୍ଜାଗତ । ଏ ଯୁଦ୍ଧକୁ ଲଢ଼ିବା ବାସ୍ତବରେ ଏକ ଦୁରୂହ ବ୍ୟାପାର । ବାଲ୍ୟ ବିବାହ, ଯୌତୁକ ପ୍ରଥା ଏବଂ ବାଲ୍ୟ ବୈଧବ୍ୟ ପରି ସମସ୍ୟା ସହିତ ଜଡିତ । ଏତଦ୍ ବ୍ୟତୀତ ପୃଷ୍ଟିହୀନତା, ରୁଗ୍ଣ ସ୍ୱାସ୍ଥ୍ୟ ଏବଂ ଆଶାତୀତ ଭାବେ ଜନସଂଖ୍ୟା ବୃଦ୍ଧି ଏହାର ଗୋଟିଏ ଗୋଟିଏ ଆଧାର ।

ଶିଶୁ ଅଧିକାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତତ୍ତ୍ୱ ହେଲା– ଉତ୍ତମ ସ୍ୱାସ୍ଥ୍ୟ, ପୃଷ୍ଟିସାର ଯୁକ୍ତ ଖାଦ୍ୟ, ସୁଷମ ଖାଦ୍ୟ, ଶିକ୍ଷା, ଶୋଷଣ, ହିଂସା ଏବଂ ନିର୍ଯ୍ୟାତନାରୁ ମୁକ୍ତି ପରି ମୌଳିକ ଅଧିକାର ଗୁଡିକୁ ହାସଲ କରିବା ।

ବାଲ୍ୟ ବିବାହ ଦ୍ୱାରା ଶିଶୁଟି ତା'ର ଅଧିକାର ଗୁଡିକରୁ ବଞ୍ଚିତ ହୋଇଥାଏ । ଗୋଟିଏ ଶିଶୁ ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱରେ ପରିଣତ ହେବା ପାଇଁ ଯେଉଁ ଯେଉଁ ସୁଯୋଗ ଆବଶ୍ୟକ, ସେଥିରୁ ମଧ ସେ ବଞ୍ଚିତ ହୋଇଥାଏ । ଏହିପରି କ୍ଷତିକାରକ ସାମାଜିକ ପ୍ରଥା ଗୁଡିକ ବାଲ୍ୟବିବାହ ଏବଂ ଆବାଞ୍ଛିତ ଗର୍ଭଧାରଣ ପରି ବିଲକ୍ଷଣର ଶିକାର ହେବା ପାଇଁ ଶିଶୁମାନଙ୍କୁ ବାଧ୍ୟ କରିଥାଏ । ମାତ୍ରାଧିକ ଶିଶୁ ଏବଂ ମାତୃହାରର ଏହା ହେଉଛି ମୁଖ୍ୟ କାରଣ । ଆଉ ଏହି କାରଣ ଯୋଗୁଁ ହିଁ ପୃଷ୍ଟିହୀନତାର ବ୍ୟାପକତା ଯୁଗ ପରେ ଯୁଗ ଏବଂ ପିଢ଼ି ପରେ ପିଢ଼ି ଚକ୍ରବତ ଘୂରି ଚାଲିଛି ।

ବାଲ୍ୟ ବିବାହ ଶିଶୁମାନଙ୍କ ଉପରେ ଅନ୍ୟ କେତେକ ସାମାଜିକ ଏବଂ ନିଷ୍ପତ୍ତି ନେବାର ଭୂମିକା ଲଦି ଦେଇଥାଏ : ଯେଉଁ ସମୟରେ କି ଶିଶୁଟି ଶାରୀରିକ, ମାନସିକ କିମ୍ବା ଆବେଗିକ ସ୍ତରରେ ଏହି ସବୁ ଦାୟିତ୍ୱ ସମ୍ଭାଳିବା ପାଇଁ ପ୍ରସ୍ତୁତ ହୋଇନଥାଏ । ବାଲ୍ୟ ବିବାହ ମୁଖ୍ୟତଃ ଗ୍ରାମାଞ୍ଚଳରେ ବସବାସ କରୁଥିବା ସାମାଜିକ, ଆର୍ଥିକ ଦୃଷ୍ଟିରୁ ଅନଗ୍ରସହର ପରିବାର ମଧ୍ୟରେ ପରିଦୃଷ୍ଟ ହୋଇଥାଏ । ଏଥିପାଇଁ ଗୋଟିଏ ନୁହେଁ ଅନେକ କାରଣ ଦାୟୀ ଅଟନ୍ତି ।

ପ୍ରମୁଖ କାରଣ ଗୁଡିକ ହେଲା – ଦାରିଦ୍ରତା, କନ୍ୟା ସନ୍ତାନମାନଙ୍କୁ ସୁରକ୍ଷା ଦେବାର ସମସ୍ୟା, କନ୍ୟାମାନଙ୍କୁ ସୁଯୋଗର ଅଭାବ, ସଚେତନତାର ଅଭାବ, ବାଲ୍ୟ ବିବାହ ଯୋଗୁଁ ଉପୁଜୁଥିବା ସ୍ୱାସ୍ଥ୍ୟଗତ ସମସ୍ୟା ସମ୍ବନ୍ଧରେ ଅଜ୍ଞତା, ସମ୍ପୃକ୍ତ ଆଇନ ସମ୍ବନ୍ଧରେ ଜ୍ଞାନାଭାବ ଏବଂ

ପ୍ରଚଳିତ ଆଇନ ଗୁଡିକର ଅପାରଗ କାର୍ଯ୍ୟାନୁଷ୍ଠାନ ।

ଶିଶୁଟିର ମୌଳିକ ଆବଶ୍ୟକତାକୁ ଯଦି ଆମେ ବିଚାରକୁ ନେବା ତେବେ ତା'ର ମୌଳିକ ଆବଶ୍ୟକତା ମଧ୍ୟରୁ ଆମକୁ କେତେକ ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରତି ଧ୍ୟାନ ଦେବାକୁ ପଡିବ । ଯଥା- ତା'ର ଉତ୍ତମ ସ୍ୱାସ୍ଥ୍ୟ, ପୃଷ୍ଟିସାଧନ, ଉତ୍ତମ ଶିକ୍ଷା, ହିଂସା ଓ ଶୋଷଣମୁକ୍ତ ପରିବେଶ ।

କିନ୍ତୁ ଏ ଦିଗରେ ଆମେ ଯେତେ ତତ୍ପର ହେଲେ ସୁଦ୍ଧା ଗୁଡିଏ ପ୍ରତିବନ୍ଧକ ମଧ୍ୟରୁ ବାଲ୍ୟ ବିବାହ ଏକ ପ୍ରତିବନ୍ଧକ ରୂପେ ଶିଶୁଟିର ମୌଳିକ ଅଧିକାରକୁ ସୁନିଶ୍ଚିତ କରାଇବାରେ ବାଧକ ସୃଷ୍ଟି କରେ । ତେଣୁ ଆମ ଦେଶରେ ବାଲ୍ୟ ବିବାହକୁ କଡାକଡି ଭାବେ ନିଷିଦ୍ଧ କରିବା ପାଇଁ ୨୦୦୬ ମସିହାରୁ ନୂତନ ଭାବେ ଏକ ଆଇନ ପ୍ରଣୀତ ହେଲା ଯାହାକୁ ବାଲ୍ୟବିବାହ ନିଷେଧ ଆଇନ-୨୦୦୬ କୁହାଗଲା ।










## ବାଲ୍ୟ ବିବାହ :

ବାଲ୍ୟ ବିବାହ ହେଉଛି ଦୁଇଜଣ ବ୍ୟକ୍ତିଙ୍କ ମଧ୍ୟରେ ଏକ ବୈବାହିକ ଚୁକ୍ତି ଯେଉଁଥିରେ ଜଣେ କିମ୍ବା ଦୁଇଜଣ ଯାକ ପକ୍ଷ ଶିଶୁ ହୋଇଥିବେ । ବାଲ୍ୟ ବିବାହ ନିଷେଧ ଆଇନ ୨୦୦୬ ଅନୁସାରେ ୨୧ ବର୍ଷ ଟପି ନଥିବା ଜଣେ ବାଳକ ଏବଂ ୧୮ ବର୍ଷ ଟପି ନଥିବା ଜଣେ ବାଳିକାକୁ ଶିଶୁ ବୋଲି ବିବେଚନା କରାଯାଇଛି ।



## ବାଲ୍ୟ ବିବାହ ଚାଲୁ ରଖିବାର କାରଣ ।

⇛ ସାଧାରଣତଃ ଆମେ ସମାଜରେ କନ୍ୟା ସନ୍ତାନଟିକୁ ବୋଝ ବୋଲି ବିଚାର କରାଯାଇଥାଏ । ବିବାହ ଜରିଆରେ ଏହି ବୋଝଟିକୁ ଯେତେ ଶୀଘ୍ର ଉତ୍ତାରି ଦେବା ହେଲା ଆମ ସମାଜର ଦୃଷ୍ଟିଭଙ୍ଗୀ । ସମାଜ ଓ ଅଭିଭାବକମାନଙ୍କର ବିଚାର ହେଲା କମ୍ ବୟସ ପୁଅ ଝିଅଙ୍କ ମଧ୍ୟରେ ବାହା କରାଇ ଦେଲେ କମ୍ ଯୌତୁକ ଦେବାକୁ ପଡିବ । ସେମାନେ ଭୁଲି ଯାଇଥାନ୍ତି ଯେ ୧୯୬୧ ମସିହାରୁ ଯୌତୁକ ଦେବା ଏବଂ ଯୌତୁକ ନେବା ନିଷେଧ ଆଇନ ଲାଗୁ ହୋଇସାରିଛି । ସେହି ଆଇନ ନାମ ଯୌତୁକ ନିଷେଧ ଆଇନ ୧୯୬୧ ଅଟେ ।

⇛ ଆମ ସମାଜରେ କିଶୋରୀ କନ୍ୟାମାନଙ୍କୁ ବୋହୂ କରିନେବା ପାଇଁ ଚାହିଦା ବେଶୀ । ଅଭିଭାବକମାନେ ଯୌତୁକ ବୋଝରୁ ମୁକ୍ତି ପାଇବା ପାଇଁ ଖୁବ୍ କମ୍ ଖୁବ୍ କମ୍ ବୟସରୁ ଝିଅଙ୍କୁ ବାହା ଦେବାପାଇଁ ଆଗ୍ରହୀ ହୋଇଥାନ୍ତି । ଯୌନ ହିଂସାରୁ କନ୍ୟାମାନଙ୍କୁ ସୁରକ୍ଷା ଦେବା ଆଉଏକ ସାମାଜିକ ସମସ୍ୟା । ବାପା ମା'ମାନେ ଝିଅମାନଙ୍କୁ ସୁରକ୍ଷା ଦେବା କ୍ଷେତ୍ରରେ ସମର୍ଥ ହୋଇପାରନ୍ତି ନାହିଁ । ଯେଉଁଥିପାଇଁକି ସେମାନେ ଝିଅମାନଙ୍କୁ ଯେତେଶୀଘ୍ର ବିବାହ ଦେବା ପାଇଁ ନିଷ୍ପତି ନେଇଥାନ୍ତି । ଅନେକ ବାପା ମା' ବିଶ୍ୱାସ କରନ୍ତି ଯେ ଯେତେଶୀଘ୍ର ଝିଅମାନଙ୍କୁ ବାହା କରିଦେଲେ ସେମାନେ ପୁରୁଷମାନଙ୍କର ଲୋଲୁପ ଦୃଷ୍ଟିର ଶିକାର ହେବେ ନାହିଁ ବା ସେମାନଙ୍କ ଠାରୁ ଦୂରେଇ ରହି ପାରିବେ ।

⇛ ଶୀଘ୍ର ବିବାହ କନ୍ୟାମାନଙ୍କର ସତୀତ୍ୱ ବା କୁମାରୀତ୍ୱକୁ ବଜାୟ ରଖିବାର ଆଉ ଏକ ଉପାୟ ବୋଲି ସେମାନେ ଧରି ନେଇଛନ୍ତି । ବାପା, ମା' ଅଭିଭାବକମାନେ ଭାବନ୍ତି ଯେ ଝିଅମାନଙ୍କୁ ବାହା ଦେଇଦେଲେ ହିଁ ସେମାନଙ୍କର ସାମାଜିକ ଓ ଅର୍ଥନୈତିକ ଭବିଷ୍ୟତ ନିରାପଦ ହୋଇଥାଏ । ଶିକ୍ଷାର ଅଭାବ, ବାଲ୍ୟ ବିବାହର କୁ ପ୍ରଭାବ ସମ୍ବନ୍ଧରେ ସଚେତନତାର ଅଭାବ, ଆଇନର ଅସଫଳ କାର୍ଯ୍ୟାନୁଷ୍ଠାନ ଏବଂ ସଦିଚ୍ଛାର ଅଭାବ ହିଁ ବାଲ୍ୟ ବିବାହ ଚାଲୁ ରଖିବାର ଗୋଟିଏ ଗୋଟିଏ କାରଣ ।

## ବାଲ୍ୟ ବିବାହର ସମାଜ ଉପରେ କୁପ୍ରଭାବ ।

ବାଲ୍ୟ ବିବାହ ଦ୍ୱାରା ଶିଶୁ ତା'ର ମୌଳିକ ଅଧିକାର ଯଥା ଉତ୍ତମ ସ୍ୱାସ୍ଥ୍ୟ, ପୃଷ୍ଟି ସାଧନ, ଶିକ୍ଷା ଏବଂ ଶୋଷଣ, ଅପବ୍ୟବହାର ଓ ନିର୍ଯ୍ୟାତନାରୁ ମୁକ୍ତି ଆଦି ଅଧିକାରରୁ ବଞ୍ଚିତ ହୁଏ । ଏହା ଶିଶୁର ଶାରୀରିକ ଓ ମାନସିକ ସ୍ତରରେ ଗଭୀର ପ୍ରଭାବ ପକାଇଥାଏ । ଶିଶୁ ଯୌନ ଶୋଷଣ ଓ ଯୌନ ନିର୍ଯ୍ୟାତନାର ଶିକାର ହୋଇଥାଏ । ଏହା ଦ୍ୱାରା ଶିଶୁ ଅପ୍ରାପ୍ତ ବୟସରେ ମାତୃତ୍ୱ, ଯୌନ ସଂକ୍ରମଣ ରୋଗ, କ୍ରମାଗତ ଅନ୍ତସ୍ୱତ୍ତ୍ୱା ଓ ଗର୍ଭପାତର ଶିକାର ହୋଇଥାଏ । ମାତୃ ମୃତ୍ୟୁହାର,





ଅପପୃଷ୍ଟି, ରକ୍ତହୀନତା ଆଦି ଅନେକ ପରିମାଣରେ ବଢ଼ିଥାଏ ।

## ବାଲ୍ୟ ବିବାହ ନିଷେଧ ଆଇନ :

ବାଲ୍ୟ ବିବାହ ନିଷେଧ ଆଇନ ଆମ ଦେଶର ୧ ନଭେମ୍ବର ୨୦୦୭ ଠାରୁ ଲାଗୁ ହୋଇଛି । ବାଲ୍ୟ ବିବାହ ନିଷେଧ ଆଇନ ୨୦୦୬ ଜାମ୍ମୁ ଓ କାଶ୍ମୀର ତଥା ପଣ୍ଡିଚେରୀ କେନ୍ଦ୍ର ଶାସିତ ଅଞ୍ଚଳ ରେନୋନକାଣ୍ଟ ସମ୍ପ୍ରଦାୟ (ଯେଉଁମାନେ ଫରାସୀ ଦେୱାନି ଆଇନ ଅନୁଯାୟୀ ପରିଚାଳିତ) କୁ ଛାଡି ସାରା ଦେଶ ପାଇଁ ପ୍ରଯୁଜ୍ୟ ।

ଏହି ବାଲ୍ୟ ବିବାହ ନିଷେଧ ଆଇନ ୨୦୦୬ ଅନୁଯାୟୀ ଜଣେ ବାଳକ ୨୧ ବର୍ଷ ସମ୍ପୂର୍ଣ୍ଣ କରିନଥିଲେ କିମ୍ବା ଜଣେ ବାଳିକା ୧୮ ବର୍ଷ ସମ୍ପୂର୍ଣ୍ଣ କରିନଥିଲେ ସେମାନେ ବିବାହ ନିମନ୍ତେ ଆଇନତଃ ଅଯୋଗ୍ୟ ଅଟନ୍ତି ।

ତେଣୁ ଏହି ଆଇନ ମୁତାବକ ସେମାନଙ୍କର ବିବାହ କରିବା ବା ବାଲ୍ୟ ବିବାହ କରିବା ବା କରାଇବା ଏକ ଧର୍ତ୍ତବ୍ୟ ତଥା ଜାମିନ ବିହୀନ ଅପରାଧ ଏବଂ ଦଣ୍ଡନୀୟ ଅଟେ ।

## ବାଲ୍ୟ ବିବାହ ଆଇନ ଅଭିମୁଖ୍ୟ

- ✓ ନିରାକରଣ (Prevention)
- ✓ ସଂଘଟିତ ହୋଇଥିବା ବାଲ୍ୟ ବିବାହରେ ପ୍ରଭାବିତ ହୋଇଥିବା ଶିଶୁକୁ ସୁରକ୍ଷା ପ୍ରଦାନ (Protection)
- ✓ ବାଲ୍ୟ ବିବାହ ଅପରାଧରେ ସଂଶ୍ଳିଷ୍ଟ ଶିଶୁର ଥଇଥାନ (Rehabilitation)
- ✓ ବାଲ୍ୟ ବିବାହ ଅପରାଧରେ ସଂଶ୍ଳିଷ୍ଟ ବ୍ୟକ୍ତି ବିଶେଷଙ୍କୁ ଦଣ୍ଡ ପ୍ରଦାନ (Prosecution)

## ବାଲ୍ୟ ବିବାହ ପାଇଁ ଦଣ୍ଡ ବ୍ୟବସ୍ଥା ଏବଂ ପ୍ରଣାଳୀ

ବାଲ୍ୟ ବିବାହ ନିଷେଧ ଆଇନ ଅଧୀନରେ ଯେ କୌଣସି ବାଲ୍ୟ ବିବାହ ଉପରେ ଉତ୍ସବ ଆୟୋଜନକୁ ଧର୍ତ୍ତବ୍ୟ ଓ ଜାମିନ ବିହୀନ ଅପରାଧ ବୋଲି ଅବିହିତ କରାଯାଇଛି । ଏଥିପାଇଁ ୨ ବର୍ଷ ସଶ୍ରମ କାରାଦଣ୍ଡ ବା ୧ ଲକ୍ଷ ଟଙ୍କା ଜୋରିମନାର ବା ଉଭୟଙ୍କର ଦଣ୍ଡ ବ୍ୟବସ୍ଥା ରହିଛି । କିନ୍ତୁ ଜଣେ ମହିଳା ଅପରାଧିକୁ ଜେଲ ଦଣ୍ଡ ଦିଆଯାଇ ପାରିବ ନାହିଁ , କେବଳ ଜୋରିମନା ଆଦାୟ କରାଯିବ ।


⇛ ଯଦି ଜଣେ ଶିଶୁକୁ ତା'ର ପିତାମାନଙ୍କଠାରୁ କୌଣସି ପ୍ରକାର ପ୍ରୋଲୋଭନ ଦେଇ, ଚଞ୍ଚକତା, ବଳ ପ୍ରୟୋଗ କରିବା ଧମକ ଚମକ ଦ୍ୱାରା ଚାଲାଣ କରାଯାଇ ବିବାହ

କରାଯାଇଥାଏ ତେବେ ସେ ପ୍ରକାର ବିବାହକୁ ଅଦାଲତ ଅସିଦ୍ଧ ଘୋଷଣା କରିପାରିବେ ।

⇛ ପ୍ରତି ଜିଲ୍ଲାରେ ବାଲ୍ୟ ବିବାହ ନିଷେଧ ଅଧିକାରୀ (ସି.ଡି.ପି.ଓ) ମୃତୟନ ହୋଇଛନ୍ତି ଯେ କି ବାଲ୍ୟ ବିବାହକୁ ରୋକିବା, ଏହାର ଶିକାର ହୋଇଥିବା ପକ୍ଷକୁ ସୁରକ୍ଷା ଦେବା ତଥା ଅପରାଧିମାନଙ୍କର ବିରୁଦ୍ଧରେ ଅଭିଯୋଗ କରିବା ପାଇଁ ଉତ୍ତରଦାୟୀ ରହିବେ । ଏହା ଛଡା ସଂପୃକ୍ତ ଶିଶୁକୁ ମେଡିକାଲ ସହାୟତା ଓ ଆଇନ ସହାୟତା ସହିତ ବାସସ୍ଥାନ ଓ ଥଇଥାନ ବ୍ୟବସ୍ଥାକୁ ମଧ୍ୟ ବାଲ୍ୟ ବିବାହ ନିଷେଧ ଅଧିକାରୀ (ସି.ଡି.ପି.ଓ) ସୁନିଶ୍ଚିତ କରିବେ ।

⇛ ବାଲ୍ୟ ବିବାହ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବାର ଦାୟିତ୍ୱ ଜିଲ୍ଲାପାଳ ତଥା ବାଲ୍ୟ ବିବାହ ନିଷେଧ ଅଧିକାରୀ (ସି.ଡି.ପି.ଓ)ଙ୍କ ଉପରେ ନ୍ୟସ୍ତ କରାଯାଇଛି ।

## ବାଲ୍ୟ ବିବାହର ଅଭିଯୋଗ/ସୂଚନା








କୌଣସି ସ୍ଥାନରେ ବାଲ୍ୟ ବିବାହ ସଂଘଟିତ ହେଉଥିବାର ବା ହେବାକୁ ଥିବାର ଜାଣିଲେ ନିମ୍ନଲିଖିତ ବ୍ୟକ୍ତିବିଶେଷ/ଅନୁଷ୍ଠାନକୁ ଅଭିଯୋଗ କରିପାରିବେ ବା ସୂଚନା ଦେଇପାରିବେ ।

## ଅଭିଯୋଗ କିଏ କେମିତି କରିପାରିବେ ।

⇛ ଯେକୌଣସି ବ୍ୟକ୍ତି ଯାହା ପାଖରେ ବାଲ୍ୟ ବିବାହ ଘଟିବାର ବା ହେଉଥିବାର ସୂଚନା ଥିବ ।

⇛ ଶିଶୁ ନିଜେ ।

⇛ ଫୋନ କିମ୍ୱା ବାଚନିକ ମାଧ୍ୟମରେ ।

⇛ ଯେ କୌଣସି ସରକାରୀ କର୍ମଚାରୀ ।

⇛ ପିତା ମାତା ବା ଅଭିଭାବକ ।

⇛ ବାଲ୍ୟ ବିବାହ ନିରାକରଣ ଅଧିକାରୀ ।

⇛ ସେଚ୍ଛାସେବୀ ଅନୁଷ୍ଠାନ ସମୂହ ।

⇛ ନ୍ୟାୟାଳୟ ମଧ୍ୟ ନିଜ ଆଡୁ ମାମଲା ରୁଜୁ କରିପାରିବେ ।

## ଏହି ଆଇନ ଅନୁସାରେ କିଏ ସବୁ ଦଣ୍ଡ ପାଇବେ ।

- ଯେ କୌଣସି ବ୍ୟକ୍ତି ଯିଏ ବାଲ୍ୟ ବିବାହକୁ ପ୍ରତ୍ୟେକ୍ଷ ବା ପରୋକ୍ଷରେ ସଂପାଦନ କରିଥିବେ କିମ୍ୱା ପ୍ରୋତ୍ସାହନ ଦେଇଥିବେ ।
- ୧୮ ବର୍ଷରୁ ଉର୍ଦ୍ଧ୍ୱ ପୁରୁଷ ଯେ କି ୧୮ ବର୍ଷ ପ୍ରାପ୍ତ କରିନଥିବା କନ୍ୟାକୁ ବିବାହ କରିଥିବ ।
- ଯେଉଁ ବ୍ୟକ୍ତିଙ୍କ ତତ୍ତ୍ୱାବଧାନରେ ବାଲ୍ୟ ବିବାହିତ ଶିଶୁଟି ଥିବ ଯଥା- ପିତାମାତା, ଅଭିଭାବକ କିମ୍ୱା କୌଣସି ଅନୁଷ୍ଠାନର ସଦସ୍ୟ

**ବାଲ୍ୟ ବିବାହ ନିଷେଧ ଆଇନ ୨୦୦୬ ଅନୁସାରେ ବାଲ୍ୟ ବିବାହରେ ସାମିଲ ହୋଇଥିବା ସମସ୍ତ ବ୍ୟକ୍ତିବିଶେଷ ନିର୍ଦ୍ଦୋଷ ପ୍ରମାଣିତ ନ ହେବା ଯାଏଁ ଅପରାଧି ବୋଲି ବିବେଚିତ ହେବେ ।**

## କେଉଁ ପରିସ୍ଥିତିରେ ବାଲ୍ୟ ବିବାହକୁ ଅସିଦ୍ଧ ଘୋଷଣା କରାଯିବ ।

- କୋର୍ଟର ନିଷେଧାଦେଶ ଥିବା ସତ୍ତ୍ୱେ ଯଦି ବିବାହ ସମ୍ପୂର୍ଣ୍ଣ ହୋଇଥିବ ।
- ଭୟ, ପ୍ରଲୋଭନ ଏବଂ ଛଳନା ମାଧ୍ୟମରେ ଶିଶୁକୁ ତା'ର ଅଭିଭାବକଙ୍କ ପାଖରୁ ନିଆଯାଇ ବିବାହ କରାଯାଇଥିବ ।
- ବିବାହ ଉଦ୍ଦେଶ୍ୟରେ କିମ୍ୱା ମାଧ୍ୟମରେ ଶିଶୁଟିକୁ ବିକ୍ରି କିମ୍ୱା ଚାଲାଣ କରାଯାଇଥିବ ।

ବିବାହକୁ ଅସିଦ୍ଧ ଘୋଷଣା କରିବା ପାଇଁ ବିବାହିତ ଶିଶୁ ଆଇନ ଦ୍ୱାରା ସିଦ୍ଧିପ୍ରାପ୍ତ ବୟସ ପ୍ରାପ୍ତ କରିବାର ଦୁଇ ବର୍ଷ ମଧ୍ୟରେ କୋର୍ଟରେ ଆବେଦନ କରିପାରିବ ।

## ଏହି ଆଇନ ପ୍ରମୁଖ ତତ୍ତ୍ୱାବଧାରକ ଏବଂ ତାଙ୍କ ଭୂମିକା ।

ଏହି ଆଇନ ଅନୁଯାୟୀ ବାଲ୍ୟ ବିବାହ ନିରାକରଣ ଅଧିକାରୀ (Child marriage Prohibition Officer, CMPO) ହଉଛନ୍ତି ପ୍ରମୁଖ ତତ୍ତ୍ୱାବଧାର । ବାଲ୍ୟ ବିବାହ ନିରାକରଣ ଅଧିକାରୀଙ୍କର ଆଇନ ଅନୁଯାୟୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ପ୍ରତ୍ୟେକ CMPO ତାଙ୍କ ନିଜ ଅଞ୍ଚଳର ବାଲ୍ୟ ବିବାହକୁ ରୋକିବା ଦିଗରେ ପେଦକ୍ଷେପ ନେବା ସହ ସିଧାସଳଖ ଏହା ବିରୁଦ୍ଧରେ ପିଟିସନ ଦାଳକ କରି ପାରିବେ ।

ତାଙ୍କ ଅଞ୍ଚଳରେ ଏହିଭଳି ବାଲ୍ୟ ବିବାହ ଯେପରି ନଘଟିବ ବା ଘଟିବ ନାହିଁ ତାହା ମଧ୍ୟ CMPO ସୁନିଶ୍ଚିତ କରାଇବା । ଯଦି CMPO ଭାବିବେ ଆଗକୁ ଏଭଳି ଘଟଣା ଘଟିବାକୁ ଯାଉଛି ବା ଅଶଙ୍କା ଅଛି ତେବେ ମଧ୍ୟ ସେ ଏହା ବିରୁଦ୍ଧରେ ପଦକ୍ଷେପ ନେବା ସହ ଆଇନ ଅନୁସାରେ ପଦକ୍ଷେପ ଗ୍ରହଣ କରିପାରିବେ । ଯଦି CMPO ଏଭଳି କିଛି ଅଶଙ୍କା କରି ପଦକ୍ଷେପ ଗ୍ରହଣ କରିଛନ୍ତି କିନ୍ତୁ ପ୍ରକୃତ ପକ୍ଷେ ଏଭଳି କିଛି ଘଟଣା ଘଟିନାହିଁ ତେବେ ଏଥିପାଇଁ CMPO ମାନଙ୍କର କୌଣସି ଭୁଲ୍ ଧରାଯିବ ନାହିଁ ।

**ଯଦି ଏହି ବାଲ୍ୟ ବିବାହ ଆଗତ ଭବିଷ୍ୟତରେ ହେବାର ନଜିର ବାଲ୍ୟ ବିବାହ ନିରାକରଣ ଅଧିକାରୀଙ୍କ ନଜରକୁ ଆସିଲା** ତବେ ପ୍ରଥମେ ସେ ଦୁଇ ପକ୍ଷ ଅର୍ଥାତ୍ ବର ପକ୍ଷ ଓ କନ୍ୟା ପକ୍ଷଙ୍କୁ ତାଙ୍କ ଘରେ ସାକ୍ଷାତ୍ କରି ସେମାନଙ୍କୁ ବାଲ୍ୟ ବିବାହ ଆଇନ ସମ୍ବନ୍ଧରେ ବୁଝାଇବା ସହ ଏହା ଏକ ଦଣ୍ଡନୀୟ ଅପରାଧ ବୋଲି ବୁଝାଇ ସେଥିରୁ ତାଙ୍କୁ ନିବୃତ୍ତ ରହିବାକୁ ପରାମର୍ଶ ଦେବେ । ଉଭୟ ପକ୍ଷଙ୍କ ଅଭିଭାବକ, ସମ୍ପର୍କୀୟ, ଗ୍ରାମର ବୟୋଜେଷ୍ଠ ବ୍ୟକ୍ତିମାନଙ୍କୁ ସଚେତନ କରାଇବା ସହ ତାଙ୍କୁ ବାଲ୍ୟବିବାହ ଆଇନ ଅଖିରେ ଅପରାଧ ବୋଲି ବୁଝାଇ ଏହା ବିରୁଦ୍ଧରେ





ସ୍ୱର ଉତ୍ତୋଳନ କରିବା ପୂର୍ବକ ଏହି ବିବାହକୁ ଯଥାଶ୍ରୀଘ୍ର ବନ୍ଦ କରିବା ଦିଗରେ ପଦକ୍ଷେପ ନେବା ପାଇଁ ହୃଦବୋଧ କରାଇବେ ।



ଯଥା ସମ୍ଭବ ବର, କନ୍ୟାଙ୍କ ସାକ୍ଷାତ କରିବା ସହ ବାଲ୍ୟବିବାହର ଜଟିଳ ସମସ୍ୟାକୁ ତାଙ୍କ ଆଗରେ ଆଲୋଚନା କରି ଏ ଦିଗରେ ସଚେତନତା ସୃଷ୍ଟି କରାଇବା ଓ ଶିଶୁଙ୍କୁ ପରିସ୍ଥିତି ବିଷୟରେ ଅବଗତ କରିବା ସହ ତାଙ୍କ ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ପରାମର୍ଶ ଦେବା ଏବଂ ସେମାନଙ୍କ ଠାରୁ ଯେତେଦୂର ସମ୍ଭବ ଏବ ଘୋଷଣାନାମା ସଂଗ୍ରହ କରିବେ । ଯଦି ସମସ୍ୟାଟି ଗ୍ରାମାଞ୍ଚଳରେ ହୋଇଥାଏ ତେବେ ପଞ୍ଚାୟତର ସାହାଯ୍ୟ ନେବା ସହ ଗ୍ରାମର ମୁଖ୍ୟ, ଶିକ୍ଷକ, ସରକାରୀ ଅଧିକାରୀ ବା କୌଣସି ସ୍ୱେଚ୍ଛାସେବୀ ଅନୁଷ୍ଠାନର ସହାୟତା ନେଇ ଦୁଇ ପକ୍ଷଙ୍କ ପରିବାରକୁ ଏ ଦିଗରେ ନିବୃତ୍ତ ରହିବାକୁ ପରାମର୍ଶ ଦେବେ ।

ପ୍ରତ୍ୟେକ ଗତିବିଧିକୁ ଅତି ସତର୍କତାର ସହ ଅନୁଧ୍ୟାନ କରିବେ । ଏ ଦିଗରେ ଯଦି ସେ ବିଫଳ ହୁଅନ୍ତି ତେବେ ନିକଟସ୍ଥ ଥାନାରେ ଅଭିଯୋଗ ଦାଖଲ ପୂର୍ବକ ପୁଲିସର ସହାୟତା ନେବେ ଏବଂ ତୁରନ୍ତ ଦୋଷୀକୁ ଗିରଫ କରିବାର ବ୍ୟବସ୍ଥା କରିବେ କାରଣ ପୋଲିସ Cr, PC-151 ଅନୁଯାୟୀ ପଦକ୍ଷେପ ନେଇପାରିବ । ଏସବୁ ବାଦ ଯଦି ପିତା ମାତା କୌଣସି କ୍ଷେତ୍ରରେ ରାଜି ନ ହୋଇ ବାଲ୍ୟ ବିବାହ କରିବାକୁ ଜିଦ ଧରିଲେ ତେବେ CMPO ମଧ୍ୟ ପ୍ରଥମ ଶ୍ରେଣୀ ବିଭାଗୀୟ ମାଜିଷ୍ଟ୍ରେଟଙ୍କ ପାଖରେ ଏକ ଅଭିଯୋଗ କରିପାରିବେ ଓ ମାଜିଷ୍ଟ୍ରେଟଙ୍କ ଠାରୁ ଏକ ବିବାହ ନିହିଦ୍ଧାଦେଶ ଆଦେଶ ଧାରା ୧୩ ଅନୁସାର ଆଣି ଏହାକୁ ରୋକି ପାରିବେ ।

**ଯଦି ଏକ ବାଲ୍ୟ ବିବାହ ହେଉଥିବାର ନଜିର ବାଲ୍ୟ ବିବାହ ନିରାକରଣ ଅଧିକାରୀଙ୍କ ନଜରକୁ ଆସିଲା** ତେବେ ସେ ତତ୍କ୍ଷଣାତ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଠାରୁ ନିଷିଦ୍ଧାଦେଶ ଆଣି ବାଲ୍ୟ ବିବାହକୁ ରୋକି ପାରିବେ । ବିବାହର ପ୍ରମାଣ ସ୍ୱରୂପ ଫଟୋ, ନିମନ୍ତ୍ରଣ ପତ୍ର, ଟଙ୍କା ପଇସା ନେଣ ଦେଣର ପ୍ରମାଣ ଆଦି ସଂଗ୍ରହ କରିବେ । ଯେଉଁମାନେ ଏ ବିଷୟର ପ୍ରତ୍ୟେକ୍ଷ ବା ପରୋକ୍ଷରେ ସାମିଲ ଅଛନ୍ତି ବା ସେମାନଙ୍କ ଜ୍ଞାତସାରରେ ବିବାହ ଦେଉଛି ସେହି

ଦେଷୀମାନଙ୍କର ତାଲିକା ପ୍ରସ୍ତୁତ କରିବେ ।

ପୁଲିସରେ ଅଭିଯୋଗ ସହ ପୋଲିସକୁ ଦୋଷୀମାନଙ୍କୁ ଗିରଫ କରିବାରେ ସାହାଯ୍ୟ କରିବେ ସେ ସ୍ଥାନରେ ଯେପରି କିଛି ଅଘଟଣ ନଘଟେ ସେଥିପାଇଁ ପୁଲିସ Cr.PC-151 ଅନୁଯାୟୀ ଦୋଷୀକୁ ଗିରଫ କରି ବାଲ୍ୟ ବିବାହକୁ ରୋକିବା ଦିଗରେ ପଦକ୍ଷେପ ନେବେ । ଯଦି








କୌଣସି ଶିଶୁକୁ ବଳ ପୂର୍ବକ ବା ଧମକ ଚମକ ଦେଇ ତା'ର ଜୀବନକୁ ଭୟଭୀତ କରି ବାଲ୍ୟ ବିବାହ କରିବାକୁ ବାଧ୍ୟ କରାଯାଇଥାଏ ବା ତା'ର ଜୀବନ ପ୍ରତି ବିପଦ ଥାଏ ତେବେ ସେହି ଶିଶୁକୁ ତତ୍କ୍ଷଣାତ CMPO ଙ୍କ ଦ୍ୱାରା ଶିଶୁ ମଙ୍ଗଳ କମିଟି ପାଖରେ କିମ୍ବା ମାଜିଷ୍ଟ୍ରେଟଙ୍କ ପାଖରେ ହାଜର କରାଇବେ ।

ଯଦି ସେଠାରେ ଶିଶୁ ମଙ୍ଗଳ କମିଟି ନଥିବ, ତେବେ ସେହି ଶିଶୁକୁ ଶିଶୁଗୃହ କିମ୍ବା ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଗୃହରେ ନେଇ ରଖିବେ । ଯଦି କୌଣସି ଶିଶୁ ଏହିଭଳି ପରିସ୍ଥିତିରୁ ଉଦ୍ଧାର କରାଯାଇଥିବ ତେବେ ଉକ୍ତ ଶିଶୁକୁ ସବୁ ପ୍ରକାର ସାହାଯ୍ୟ ଯଥା ସ୍ୱାସ୍ଥ୍ୟ ସେବା, ଆଇନ ସହାୟତା, ଉପଯୁକ୍ତ ଆଇନ ପରାମର୍ଶ ଓ ଥଇଥାନର ସୁବିଧା ଯୋଗାଇଦେବେ ।

**ଯଦି ଏକ ବାଲ୍ୟ ବିବାହ ହୋଇଯାଇଛି ତା'ର ନଜିର ବାଲ୍ୟ ବିବାହ ନିରାକରଣ ଅଧିକାରୀଙ୍କ ନଜରକୁ ଆସିଲା** ତେବେ CMPO ପ୍ରମାଣ ସ୍ୱରୂପ ବିବାହର ଫଟୋ, ନିମନ୍ତ୍ରଣ ପତ୍ର, ଟଙ୍କା ପଇସାର ଦେଣ ନେଣର ପ୍ରମାଣ ସବୁକୁ ଯୋଗାଡ କରିବେ । ଦୋଷୀମାନଙ୍କର ତାଲିକା ପ୍ରସ୍ତୁତ କରିବେ ଏମିତିକି ବିବାହ ଆୟୋଜନ କରିଥିବା, ବିବାହକୁ ପ୍ରୋତ୍ସାହନ ଦେଇଥିବା ଓ ବିବାହର ଯୋଗଦେଇଥିବା ସମସ୍ତଙ୍କ ବିବରଣୀ ପ୍ରସ୍ତୁତ କରିବେ । ପୁଲିସ ପାଖରେ ଅଭିଯୋଗ ଦେବା ସହ ଦୋଷୀକୁ ଗିରଫ କରିବାର ପୁଲିସକୁ ସହଯୋଗ କରିବେ । ଏହା ମଧ୍ୟ ଧ୍ୟାନ ଦେବା ଜରୁରୀ ଯଦି କୌଣସି ମହିଳା ଏଥିରେ ଦୋଷୀ ବୋଲି ସାବ୍ୟସ୍ତ ହୁଅନ୍ତି, ଯଦି ବା ସେ ସେଥିରେ ଜେଲ୍ ଦଣ୍ଡ ପାଇବେନି ତଥାପି ଆବଶ୍ୟକ ସ୍ଥଳେ ସେ ମଧ୍ୟ ଗିରଫ ହେବେ ଏବଂ କୋର୍ଟ ତାଙ୍କ ଉପରେ ଅର୍ଥ ଦଣ୍ଡ ଲଗାଇ ପାରିବ ।

- CMPO ନିକଟସ୍ଥ ଶିଶୁମଙ୍ଗଳ କମିଟି (CWC) ରେ ଶିଶୁଟିକୁ ୨୦ ଘଣ୍ଟା ମଧ୍ୟରେ ହାଜର କରାଇବେ ଏବଂ ଯଦି ସେଠାରେ ଶିଶୁ ମଙ୍ଗଳ କମିଟି ନଥିବ ତେବେ ସେହି ଶିଶୁକୁ ଶିଶୁ ଗୃହ କିମ୍ବା ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଗୃହରେ ନେଇ ରଖିବାର ବନ୍ଦୋବସ୍ତ କରିବେ ।
- କୌଣସି ପରିସ୍ଥିତିରେ ଶିଶୁଟି ଯେପରି ଥାନାରେ ନ ରୁହେ ସେଥିପ୍ରତି ଧ୍ୟାନ ଦେବେ । ଶିଶୁଟି ତା'ର ବୟାନ ସଠିକ୍ କର୍ତ୍ତୃପକ୍ଷଙ୍କ ଆଗରେ ଉପସ୍ଥାପନ କରିବା ଏବଂ ଅନ୍ୟ କାହା ଆଗରେ ତାର ବୟାନ ବାରମ୍ବାର ଦେବାଟା ଅନୁଚିତ ବୋଲି ସୁନିଶ୍ଚିତ କରି ସେଥିପ୍ରତି

ସଜାଗ କରିବେ । ଶିଶୁର ଅଜାଣତରେ ବା ତାର ଅଭିଭାବକଙ୍କ ଅଜାଣତରେ ଶିଶୁର କୌଣସି ଡାକ୍ତରୀ ପରୀକ୍ଷା କରା ନଯିବା ପ୍ରତି ଧ୍ୟାନ ଦେବେ ।

- ଯେତେଦୂର ସମ୍ଭବ ଗୋଟିଏ ଦିନରେ ଶିଶୁର Cross examination and court procedure ଯେପରି ସଂପୂର୍ଣ୍ଣ ହୁଏ ଓ ସେ ବାରମ୍ବାର ଅଦାଲତକୁ ନ ଆସେ ସେଥିପ୍ରତି ଧ୍ୟାନ ଦେବେ ।
- ଶିଶୁର ସ୍ୱାର୍ଥକୁ ସୁରକ୍ଷା ଦେବା ପ୍ରତି CMPO ମାନଙ୍କର ସଂକଳ୍ପ ହେବା ଜରୁରୀ । ଶିଶୁଟି ଯେପରି ତା'ର ପରିବାରରେ ବିନା ବାଧାରେ ରହିପାରିବ ସେଥିପ୍ରତି ଧ୍ୟାନ ଦେବେ । ଆବଶ୍ୟକ ସ୍ଥଳେ କୌଣସି ସେଚ୍ଛାସେବୀ ଅନୁଷ୍ଠାନ ମାନଙ୍କର ସହାୟତା ନେଇ ଶିଶୁର ଭବିଷ୍ୟତକୁ ସୁରକ୍ଷିତ କରିବା ନିମିତ୍ତ ଯତ୍ନଶୀଳ ହେବେ । CMPO ମାନେ ସଦା ସର୍ବଦା ସକାରତ୍ମକ ଚିନ୍ତାଧାରାରେ କାମ କରିବା ପାଇଁ ଚେଷ୍ଟା କରିବେ ।

## ବାଲ୍ୟ ବିବାହ ନିଷେଧ ଆଇନରେ ପୁଲିସ କର୍ତ୍ତୃପକ୍ଷଙ୍କ ଭୂମିକା ।

- ବାଲ୍ୟ ବିବାହ ନିଷେଧ ଆଇନର ଅଭିଯୋଗ Cr. PC-151 ଅନୁସାରେ ଗ୍ରହଣ କରିବେ । କୌଣସି ପରିସ୍ଥିତିରେ ପୁଲିସ ଅଭିଯୋଗ ଗ୍ରହଣ କରିବାକୁ ମନା କରି ପାରିବେ ନାହିଁ । ଅଭିଯୋଗ ଲିଖିତ ହେଉ ବା ବାଚନିକ ହେଉ ତା'କୁ FIR ଭାବେ ଗ୍ରହଣ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ । ଅଭିଯୋଗ ପାଇଲା ପରେ ସେ CMPO ଙ୍କୁ ପ୍ରମାଣ ଯୋଗାଡ଼ କରିବା ପାଇଁ ଅବଗତ କରାଇବେ । ଅଭିଯୋଗ ଭିତ୍ତିରେ ମାଜିଷ୍ଟ୍ରେଟଙ୍କ ଠାରୁ ନିଷେଧାଦେଶ ପାଇଁ ପ୍ରାର୍ଥନା କରିବେ ।
- କୌଣସି ଶିଶୁକୁ ଗିରଫ କିମ୍ବା ହ୍ୟାଣ୍ଡକପ୍ ନକରିବା ପାଇଁ ଦୃଷ୍ଟି ଦେବେ ।
- ଯଦି CMPO କିମ୍ବା ନିଯୁକ୍ତି ପାଇଥିବା ଅନ୍ୟ କେହି ଅନୁପସ୍ଥିତ ଥାଆନ୍ତି ତେବେ ଘଟଣା ଘଟିବାର ସ୍ଥାନକୁ ପରିଦର୍ଶନରେ ଯାଇ ତଥ୍ୟ ସଂଗ୍ରହ ପୂର୍ବକ ଶିଶୁକୁ ଉଦ୍ଧାର କରିବେ ।
- ପୁଲିସ ପୋଷାକରେ କୌଣସି ଶିଶୁର ନିକଟତର ନହେବା, ଯେତେଦୂର ସମ୍ଭବ ଶିଶୁକୁ ଆଶ୍ୱାସନା ଦେବା ଓ ଭୟ ଠାରୁ ଦୂରରେ ରଖିବା ପ୍ରତି ଧ୍ୟାନ ଦେବେ ।
- ଯଦି ଶିଶୁଟି ଜଣେ ଝିଅ ହୋଇଥାଏ ତେବେ ଜେତେଦୂର ସମ୍ଭବ ଜଣେ ମହିଳା ପୁଲିସ ଅଫିସର ଶିଶୁକୁ ପଚରା ଉଚୁରା କରିପାରିବେ । ଯଦି ମହିଳା ପୁଲିସ ଅଫିସର ନଥିବେ





ତେବେ ଜଣେ ମହିଳାଙ୍କ ଉପସ୍ଥିତିରେ ପୁରୁଷ ପୁଲିସ ଶିଶୁକୁ ପଚ୍ଚରି ପାରିବେ ।

- ପୁଲିସ ଅଫିସର ଶିଶୁକୁ ଉଦ୍ଧାର କଲାପରେ ଉକ୍ତ ଶିଶୁକୁ ୨୦ ଘଣ୍ଟା ମଧ୍ୟରେ ଶିଶୁ ମଙ୍ଗଳ କମିଟି ପାଖରେ ହାଜର କରାଇବେ କିମ୍ବା ଜଣେ ବିଚ୍ଚର ବିଭାଗୀୟ ମାଜିଷ୍ଟେଟ୍‌ଙ୍କ ପାଖରେ ହାଜର କରାଇବେ । ଯଦି ଏହା ସମ୍ଭବ ନ ହୁଏ ତେବେ ବାଲ୍ୟ ବିବାହ ପୀଡିତ ଶିଶୁ ନିମିତ୍ତ Juvenile Justice (Care & Protection of Children Act 2015) (Child in need of care and protection) ଆଇନ ଅନୁସାରେ ପଦକ୍ଷେପ ନେବା ସହିତ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପଦକ୍ଷେପ ନେବେ ।

